# ଓଡ଼ିଶା ମୋର ଦେଶ

ରାମକୃଷ୍ଣ ନନ୍ଦ



ଓଡ଼ିଆ ମୁହିଁ ଓଡ଼ିଆ ମୁହିଁ ଓଡ଼ିଶା ମୋର ଦେଶ,
ଏହି ଦେଶରେ ଜନମ ମୋର ଏହି ଦେଶରେ ବାସ ।

ଧନ ନ ଥିଲେ ଭାବନା ନାହିଁ ମନରେ ଅଛି ବଳ,
ମନର ବଳେ କରିପାରେ ମୁଁ ଦୁନିଆଁ ଟଳମଳ ।



ଆମ ଦେଶର ମହାନଦୀଟି ସାଗର ସଙ୍ଗେ ମିଶେ,
ଗଡ଼ଜାତର ପାହାଡ଼ମାଳା ପାଚିରିପରି ଦିଶେ ।

ଏହି ଦେଶର ବଡ଼ ଦେଉଳେ ଜଗତନାଥ ବିଜେ,
ଏହି ଦେଶର କୀରତିମାଳା ଚଉଦିଗରେ ରାଜେ ।



ଓଡ଼ିଶା ଦେଶ ଗଛପତର ଓଡ଼ିଶା ଦେଶ ମାଟି,
ଓଡ଼ିଆ ଘର ଭାତତିଅଣ ଓଡ଼ିଆପିଲା ପାଟି ।

କେଡ଼େ ମଧୁର କି ମନୋହର ଆମରି ଦେଶକଥା,
ଆମରି ବିଲ, ଆମରି ଫୁଲ, ଆମରି ତରୁଲତା ।



ଏହି ଦେଶରେ ଚିଲିକା ହ୍ରଦ, ଭୁବନେଶ୍ୱର, ପୁରୀ
କୋଣାରକର ଦେଉଳ ଦେଖି ମରନ୍ତି ଲୋକେ ଝୁରି ।

ଓଡ଼ିଶା ଆମ ଜନମ ଭୂମି ହୋଇଛି ଆଜି ହୀନ,
ଆମେ ଆଣିବୁ ଫେରାଇ ତାର ସୁଖଶିରୀର ଦିନ ।



ଏଇ ଦେଶର ପାଣିପବନେ ଶରୀର ହେଲା ଗଢ଼ା,
ଏଇ ଦେଶର ଚାଟଶାଳୀରେ ଶିଖିଲୁ ପାଠପଢ଼ା ।

ଏଇ ଦେଶର ସେବାରେ ଆମ ଜୀବନ ହେଉ ଶେଷ,
ଓଡ଼ିଆ ଆମେ ଓଡ଼ିଆ ଆମେ ଓଡ଼ିଶା ଆମ ଦେଶ ।